**SET–D**

**Roll No.** [ ]

Total No. of Printed Pages—16

**607 R/E**

**( Regular/Ex-Regular )**

**M**

**(Science/Arts)**

**( For Students registered in 2021 and 2022 )**

**2 0 2 4 (A)**

# MATHEMATICS

SCIENCE/ARTS

*Full Marks* : 100

*Time* : 3 hours

*The figures in the right-hand margin indicate marks*

ଦକ୍ଷିଣ ପାର୍ଶ୍ୱରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟାଙ୍କ ସୂଚାଉଛି

*Answer the questions as per directions given in each*

ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଉତ୍ତର ଦିଅ

*Electronic gadgets are not allowed in the Examination Hall*

ପରୀକ୍ଷା ହଲ୍‌ରେ ଇଲେକ୍‌ଟ୍ରୋନିକ ଯନ୍ତ୍ରର ବ୍ୟବହାର ନିଷେଧ ଅଟେ



https://www.odishaboard.com

## GROUP—A

## କ—ବିଭାଗ

( *Marks* : 10 )

( ନମ୍ବର : 10 )

**1.** Answer *all* questions : 1×10=10

ସମସ୍ତ ପ୍ରଶ୍ନର ଉତ୍ତର ଦିଅ :

*(a)* If in a binomial distribution mean is 5 and variance is 4, then write the number of trials.

ଯଦି ଏକ ଦ୍ୱିପଦୀ ବଣ୍ଟନରେ ମାଧ୍ୟ 5 ଓ ପ୍ରସରଣ 4 ହୁଏ, ତେବେ ପରୀକ୍ଷଣର ସଂଖ୍ୟା ଲେଖ।

*(b)* If

$$f(x) = \begin{cases} \dfrac{1-\cos x}{x^2}, & x \neq 0 \\ \lambda \quad , & x = 0 \end{cases}$$

is continuous at $x = 0$, then write the value of $\lambda$.

ଯଦି

$$f(x) = \begin{cases} \dfrac{1-\cos x}{x^2}, & x \neq 0 \\ \lambda \quad , & x = 0 \end{cases}$$

$x = 0$ ଠାରେ ଅବିଚ୍ଛିନ୍ନ ଅଟେ, ତେବେ $\lambda$ ର ମୂଲ୍ୟ ଲେଖ।



https://www.odishaboard.com

(c) Write the point where the tangent to the curve $y^2 - x^2 + 2x - 1 = 0$ is parallel to the $x$-axis.

ଯେଉଁ ବିନ୍ଦୁଠାରେ $y^2 - x^2 + 2x - 1 = 0$ ବକ୍ର ପ୍ରତି ଅଙ୍କିତ ସ୍ପର୍ଶକ $x$-ଅକ୍ଷ ସହ ସମାନ୍ତର, ସେହି ବିନ୍ଦୁଟି ଲେଖ।

(d) Write the value of

$$\int_{-\pi/2}^{\pi/2} x(x\sin x + \cos x)\,dx$$

$\int_{-\pi/2}^{\pi/2} x(x\sin x + \cos x)\,dx$ ର ମୂଲ୍ୟ ଲେଖ।

(e) Write the degree of the following differential equation :

ନିମ୍ନ ଅବକଳଜ ସମୀକରଣର ଘାତ ଲେଖ :

$$\frac{y\dfrac{dy}{dx}}{1+\dfrac{dy}{dx}} = \sqrt{x + \frac{dy}{dx}}$$

(f) Write the unit vector which is perpendicular to both $\hat{j} - \hat{k}$ and $\hat{i} + \hat{j}$.

$\hat{j} - \hat{k}$ ଏବଂ $\hat{i} + \hat{j}$ ଉଭୟ ପ୍ରତି ଲମ୍ବ ହେଉଥିବା ଏକକ ଦିଶାଙ୍କଟି ଲେଖ।



https://www.odishaboard.com

*(g)* If $\alpha, \beta, \gamma$ are the angles made by a line with positive directions of the coordinate axes, then write the value of $\cos 2\alpha + \cos 2\beta + \cos 2\gamma$.

ଯଦି ଗୋଟିଏ ସରଳରେଖା ସ୍ଥାନାଙ୍କ ଅକ୍ଷମାନଙ୍କର ଧନାତ୍ମକ ଦିଗ ସହିତ $\alpha, \beta, \gamma$ କୋଣ କରେ, ତେବେ $\cos 2\alpha + \cos 2\beta + \cos 2\gamma$ ର ମୂଲ୍ୟ ଲେଖ।

*(h)* If $R = \{(m, n) : m^2 + n^2 = 25,\ m, n \in Z\}$ is a relation on $Z$, the set of integers, then write the domain of $R$.

ଯଦି $R = \{(m, n) : m^2 + n^2 = 25,\ m, n \in Z\}$, ପୂର୍ଣ୍ଣସଂଖ୍ୟା ସେଟ୍ $Z$ ଉପରିସ୍ଥ ଏକ ସମ୍ବନ୍ଧ ଅଟେ, ତେବେ $R$ ର ପରିସର ଲେଖ।

*(i)* Write the value of

$$\tan^{-1} 1 + \cos^{-1}\left(\frac{1}{2}\right) - \sin^{-1}\left(-\frac{1}{2}\right)$$

$\tan^{-1} 1 + \cos^{-1}\left(\frac{1}{2}\right) - \sin^{-1}\left(-\frac{1}{2}\right)$ ର ମୂଲ୍ୟ ଲେଖ।

*(j)* Write the maximum value of

$$\begin{vmatrix} \sin x & \cos x \\ -\cos x & 1 + \sin x \end{vmatrix}$$

$\begin{vmatrix} \sin x & \cos x \\ -\cos x & 1 + \sin x \end{vmatrix}$ ଡିଟରମିନାଣ୍ଟର ଗରିଷ୍ଠ ମାନ ଲେଖ।



https://www.odishaboard.com

## GROUP—B

## ଖ—ବିଭାଗ

( *Marks* : 60 )

( ନମ୍ବର : 60 )

2. Answer any *three* questions : 4×3=12

ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ :

(a) If $f$ and $g$ are two real functions defined as $f(x)=\frac{x}{x+1}$ and $g(x)=\frac{x}{1-x}$; $x \neq 1$, then find $f \circ g(x)$ and $(f \circ g)^{-1}(x)$.

ଯଦି $f$ ଓ $g$ ଦୁଇଟି ବାସ୍ତବ ଫଳନ ଯେପରିକି $f(x)=\frac{x}{x+1}$ ଓ $g(x)=\frac{x}{1-x}$; $x \neq 1$, ତେବେ $f \circ g(x)$ ଓ $(f \circ g)^{-1}(x)$ ନିର୍ଣ୍ଣୟ କର।

(b) Show that (ଦର୍ଶାଅ ଯେ)

$$\tan^{-1}\left(\frac{x}{y}\right)-\tan^{-1}\left(\frac{x-y}{x+y}\right)=\frac{\pi}{4}, \text{ for } x+y>0$$

(c) Solve (ସମାଧାନ କର) :

$$\tan^{-1}\left(\frac{1-x}{1+x}\right)=\frac{1}{2}\tan^{-1} x, \text{ for } x>0$$



https://www.odishaboard.com

(d) Solve the following LPP by graphical method :

ନିମ୍ନ ପ୍ରଦତ୍ତ LPP ର ଲେଖଚିତ୍ର ସାହାଯ୍ୟରେ ସମାଧାନ କର :

Maximize (ଗରିଷ୍ଠ ମାନ ନିର୍ଣ୍ଣୟ କର)

$$Z = 3x - 4y$$

subject to (ଯେପରିକି)

$$3x + 4y \leq 12$$
$$x \leq 3$$
$$x \geq 0, \ y \geq 0$$

(e) If $R$ is an equivalence relation on a non-empty set $A$, then prove that $R^{-1}$ is also an equivalence relation on $A$.

ଯଦି $R$ ଅଣଶୂନ୍ୟ ସେଟ୍ $A$ ଉପରିସ୍ଥ ଏକ ସମତୁଲ୍ୟ ସମ୍ବନ୍ଧ ଅଟେ, ତେବେ ପ୍ରମାଣ କର ଯେ $R^{-1}$ ମଧ୍ୟ ସେଟ୍ $A$ ଉପରିସ୍ଥ ଏକ ସମତୁଲ୍ୟ ସମ୍ବନ୍ଧ।

3. Answer any *three* questions : $4 \times 3 = 12$

ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ :

(a) If (ଯଦି) $A = \begin{bmatrix} 2 & 3 \\ 5 & -7 \end{bmatrix}$, then verify that (ତେବେ ଯାଞ୍ଚ କରଯେ) $(A')^2 = (A^2)'$.

 *( Continued )*

https://www.odishaboard.com

*(b)* Transform the matrix $\begin{bmatrix} 2 & 3 & 4 \\ 1 & 5 & 0 \\ 3 & 2 & 6 \end{bmatrix}$ into a unit matrix, using elementary row operations.

ମୌଳିକ ଧାଡି ପ୍ରକ୍ରିୟା ବ୍ୟବହାର କରି $\begin{bmatrix} 2 & 3 & 4 \\ 1 & 5 & 0 \\ 3 & 2 & 6 \end{bmatrix}$ ମ୍ୟାଟ୍ରିକ୍ସକୁ ଗୋଟିଏ ଏକକ ମ୍ୟାଟ୍ରିକ୍ସରେ ରୂପାନ୍ତରିତ କର।

*(c)* In a class, 70% students passed in Mathematics, 60% passed in English and 50% passed in both. If a student selected at random has failed in English, then find the probability that he/she has also failed in Mathematics.

ଗୋଟିଏ ଶ୍ରେଣୀର 70% ପିଲା ଗଣିତରେ, 60% ଇଂରାଜୀରେ ଏବଂ 50% ଉଭୟ ବିଷୟରେ ପାଶ କରିଥିଲେ। ଯଦୃଚ୍ଛା ଗୋଟିଏ ପିଲାକୁ ଚୟନ କରି ଦେଖାଗଲା ଯେ, ସେ ଇଂରାଜୀରେ ଫେଲ ହୋଇଛି, ତେବେ ସେହି ପିଲା ଗଣିତରେ ମଧ୍ୟ ଫେଲ ହୋଇଥିବାର ସମ୍ଭାବ୍ୟତା ନିର୍ଣ୍ଣୟ କର।

*(d)* Bag I contains 5 red and 5 black balls, bag II contains 4 red and 8 black balls, bag III contains 8 red and 8 black balls. One bag is chosen at random and a ball is drawn from it. If the drawn ball is black, then find the probability that it has been drawn from bag III.



https://www.odishaboard.com

ମୁଣି I ରେ 5 ଟି ଲାଲ ଓ 5 ଟି କଳା ପେଣ୍ଟୁ, ମୁଣି II ରେ 4 ଟି ଲାଲ ଓ 8 ଟି କଳା ପେଣ୍ଟୁ, ମୁଣି III ରେ 8 ଟି ଲାଲ ଓ 8 ଟି କଳା ପେଣ୍ଟୁ ଅଛି। ଯଦୃଚ୍ଛା ଗୋଟିଏ ମୁଣି ଚୟନ କରି ସେଥିରୁ ଗୋଟିଏ ପେଣ୍ଟୁ ବାହାର କଲାରୁ ଦେଖାଗଲା ଯେ ଏହା ଏକ କଳା ପେଣ୍ଟୁ। ତେବେ ଏହା ମୁଣି III ରୁ ବାହାର କରି ଥିବାର ସମ୍ଭାବ୍ୟତା ନିର୍ଣ୍ଣୟ କର।

*(e)* Using determinant, find the equation of the line joining the points (2, 3) and (–1, 6).

ଡିଟରମିନାଣ୍ଟ ବ୍ୟବହାର କରି (2, 3) ଓ (–1, 6) ବିନ୍ଦୁଦ୍ୱୟଙ୍କୁ ଯୋଗ କରୁଥିବା ସରଳରେଖାର ସମୀକରଣ ନିର୍ଣ୍ଣୟ କର।

**4.** Answer any *three* questions : 4×3=12

ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ :

*(a)* If (ଯଦି) $x = \dfrac{1-t^2}{1+t^2}$, $y = \dfrac{2t}{1+t^2}$, then show that (ତେବେ ଦର୍ଶାଅ ଯେ) $\dfrac{dy}{dx} + \dfrac{x}{y} = 0$.

*(b)* Verify Rolle's theorem for the function $f(x) = \sin x + \cos x - 1$ in $\left[0, \dfrac{\pi}{2}\right]$.

$f(x) = \sin x + \cos x - 1$ ଫଳନ ପାଇଁ $\left[0, \dfrac{\pi}{2}\right]$ ରେ ରୋଲ୍‌ଙ୍କ ଉପପାଦ୍ୟ ଯାଞ୍ଚ କର।



https://www.odishaboard.com

(c) Show that $2\sin x + \tan x \geq 3x$ for all $x \in \left(0, \frac{\pi}{2}\right)$.

ସମସ୍ତ $x \in \left(0, \frac{\pi}{2}\right)$ ପାଇଁ ଦର୍ଶାଅ ଯେ $2\sin x + \tan x \geq 3x$ .

(d) If the side of a square is decreasing at the rate of 0·4 cm/sec, find the rate of decrease of the *(i)* area of the square and *(ii)* perimeter of the square, when the side of the square is 15 cm.

ଯଦି ଗୋଟିଏ ବର୍ଗକ୍ଷେତ୍ରର ବାହୁ 0·4 cm/sec ହାରରେ ହ୍ରାସ ହୁଏ, ତେବେ ବର୍ଗକ୍ଷେତ୍ରର ବାହୁ 15 cm ହେଲେ *(i)* ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଓ *(ii)* ବର୍ଗକ୍ଷେତ୍ରର ପରିସୀମା, କେଉଁ ହାରରେ ହ୍ରାସ ହେବ ନିର୍ଣ୍ଣୟ କର।

(e) If (ଯଦି) $x^y = y^{\sin x}$, then find (ତେବେ ନିର୍ଣ୍ଣୟ କର) $\frac{dy}{dx}$.

**5.** Answer any *three* questions : 4×3=12

ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ :

(a) Evaluate :

ମୂଲ୍ୟାଙ୍କନ କର :

$$\int_0^{\pi/2} \frac{(\sin x - \cos x)}{(1 + \sin x \cos x)} dx$$



https://www.odishaboard.com

(b) Find the area of the region bounded by the curve $y = 6x - x^2$ and the $x$-axis.

$y = 6x - x^2$ ବକ୍ର ଏବଂ $x$-ଅକ୍ଷ ଦ୍ୱାରା ଆବଦ୍ଧ ଇଲାକାର କ୍ଷେତ୍ରଫଳ ନିର୍ଣ୍ଣୟ କର।

(c) Find the differential equation whose general solution is $y = ax + be^x$, where $a$ and $b$ are arbitrary constants.

ଅବକଳଜ ସମୀକରଣ ଯାହାର ସାଧାରଣ ସମାଧାନ $y = ax + be^x$ ଅଟେ, ଯେଉଁଠାରେ $a$ ଓ $b$ ଯାଦୃଚ୍ଛିକ ଧ୍ରୁବକ, ସେହି ଅବକଳଜ ସମୀକରଣଟି ନିର୍ଣ୍ଣୟ କର।

(d) Solve the following differential equation :

ନିମ୍ନ ପ୍ରଦତ୍ତ ଅବକଳଜ ସମୀକରଣର ସମାଧାନ କର :

$$(x^2 - yx^2)dy + (y^2 + xy^2)dx = 0$$

(e) Evaluate :

ମୂଲ୍ୟାଙ୍କନ କର :

$$\int \frac{3x}{x^2 - x - 2} dx$$

6. Answer any *three* questions : 4×3=12

ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ :

(a) If the vectors $\vec{a}, \vec{b}, \vec{c}$ represent the three sides of a triangle $ABC$ taken in order, then prove that

$$\frac{a}{\sin A} = \frac{b}{\sin B} = \frac{c}{\sin C}$$



https://www.odishaboard.com

ଯଦି $\vec{a}, \vec{b}, \vec{c}$ ଦିଶାଙ୍କତ୍ରୟ କ୍ରମାନ୍ୱୟରେ $ABC$ ତ୍ରିଭୁଜର ତିନିବାହୁ ହୁଅନ୍ତି, ତେବେ ପ୍ରମାଣ କରଯେ

$$\frac{a}{\sin A} = \frac{b}{\sin B} = \frac{c}{\sin C}$$

*(b)* Prove that the points $A$, $B$, $C$ and $D$ with position vectors $6\hat{i} - 7\hat{j}$, $16\hat{i} - 19\hat{j} - 4\hat{k}$, $3\hat{i} - 6\hat{k}$ and $2\hat{i} + 5\hat{j} + 10\hat{k}$ respectively are not coplanar.

$A$, $B$, $C$ ଓ $D$ ବିନ୍ଦୁଗୁଡ଼ିକର ସ୍ଥିତି ଦିଶାଙ୍କ ଯଥାକ୍ରମେ $6\hat{i} - 7\hat{j}$, $16\hat{i} - 19\hat{j} - 4\hat{k}$, $3\hat{i} - 6\hat{k}$ ଓ $2\hat{i} + 5\hat{j} + 10\hat{k}$ ହୁଏ, ପ୍ରମାଣ କର ଯେ ବିନ୍ଦୁଗୁଡ଼ିକ ଏକ ସମତଳୀୟ ନୁହଁନ୍ତି।

*(c)* Find the ratio in which the line joining the points $(-2, 4, 7)$ and $(3, -5, 8)$ is divided by the $YZ$-plane. Also find the coordinates of the point of intersection of the line and the plane.

$(-2, 4, 7)$ ଓ $(3, -5, 8)$ ବିନ୍ଦୁଗାମୀ ସରଳରେଖା $YZ$-ସମତଳକୁ ଯେଉଁ ଅନୁପାତରେ ବିଭକ୍ତ କରେ ତାହା ନିର୍ଣ୍ଣୟ କର। ରେଖା ଓ ସମତଳର ଛେଦବିନ୍ଦୁର ସ୍ଥାନାଙ୍କ ମଧ୍ୟ ନିର୍ଣ୍ଣୟ କର। https://www.odishaboard.com

*(d)* Find the symmetric form of the line

$$3x + 2y + z - 2 = 0 = x + 5y + 2z + 3$$

$3x + 2y + z - 2 = 0 = x + 5y + 2z + 3$ ରେଖାର ସମମିତ ରୂପ ନିର୍ଣ୍ଣୟ କର।



https://www.odishaboard.com

*(e)* Find the scalar and vector projections of the vector $2\hat{i} - 3\hat{j} - 6\hat{k}$ on the vector joining the points $A(3, 4, -2)$ and $B(5, 6, -3)$.

$2\hat{i} - 3\hat{j} - 6\hat{k}$ ଦିଶାଙ୍କର $A(3, 4, -2)$ ଓ $B(5, 6, -3)$ ବିନ୍ଦୁକୁ ଯୋଗ କରୁଥିବା ଦିଶାଙ୍କ ଉପରେ ଅଦିଶ ଓ ସଦିଶ ଅଭିକ୍ଷେପ ନିର୍ଣ୍ଣୟ କର।

## GROUP—C

## ଗ—ବିଭାଗ

( *Marks* : 30 )

( ନମ୍ବର : 30 )

**7.** Answer any *one* question : 6

ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :

*(a)* Construct the composition table for the operation $a * b = a + b (\text{mod} 5)$ on the set $A = \{0, 1, 2, 3, 4\}$. Also answer the following :

*(i)* Is $*$ a binary operation on $A$?

*(ii)* Find the identity element for $*$.

*(iii)* Write the inverse elements of 3 and 4.



https://www.odishaboard.com

ସେଟ୍ $A = \{0, 1, 2, 3, 4\}$ ଉପରେ $a * b = a + b (\text{mod} 5)$ ପ୍ରକ୍ରିୟା ବ୍ୟବହାର କରି ସଂଯୋଗ ଟେବୁଲ ଗଠନ କର ଏବଂ ନିମ୍ନଲିଖିତର ଉତ୍ତର ଦିଅ :

*(i)* ସେଟ୍ $A$ ଉପରେ $*$ ଏକ ଦ୍ୱିକ ପ୍ରକ୍ରିୟା କି?

*(ii)* $*$ ପାଇଁ ଏକକ ଉପାଦାନଟି ନିର୍ଣ୍ଣୟ କର।

*(iii)* 3 ଓ 4 ର ପ୍ରତିଲୋମ ଉପାଦାନଗୁଡ଼ିକ ଲେଖ।

*(b)* If (ଯଦି) $\sin^{-1}\left(\frac{x}{a}\right) + \sin^{-1}\left(\frac{y}{b}\right) = \sin^{-1}\left(\frac{c^2}{ab}\right)$, then prove that (ତେବେ ପ୍ରମାଣ କର ଯେ) $b^2x^2 + 2xy\sqrt{a^2b^2 - c^4} + a^2y^2 = c^4$.

*(c)* Solve the following LPP by graphical method :

ଲେଖଚିତ୍ର ସାହାଯ୍ୟରେ ନିମ୍ନପ୍ରଦତ୍ତ LPP ସମାଧାନ କର :

Maximize (ଗରିଷ୍ଠ ମାନ ନିର୍ଣ୍ଣୟ କର)

$$Z = 4x_1 + 3x_2$$

subject to (ଯେପରିକି)

$$x_1 + x_2 \le 50$$
$$x_1 + 2x_2 \le 80$$
$$2x_1 + x_2 \ge 20$$
$$x_1 \ge 0, x_2 \ge 0$$



https://www.odishaboard.com

8. Answer any *one* question : 6
ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :

(a) Prove that (ପ୍ରମାଣ କର ଯେ) :

$$\begin{vmatrix} a & a^2 & bc \\ b & b^2 & ca \\ c & c^2 & ab \end{vmatrix} = (a-b)(b-c)(c-a)(ab+bc+ca)$$

(b) If (ଯଦି) $A = \begin{bmatrix} 1 & 2 & 2 \\ 2 & 1 & 2 \\ 2 & 2 & 1 \end{bmatrix}$, then show that (ତେବେ ଦର୍ଶାଅ ଯେ) $A^2 - 4A - 5I_3 = 0$ and hence find $A^{-1}$ (ଏବଂ ସେଥିରୁ $A^{-1}$ ନିର୍ଣ୍ଣୟ କର).

(c) Find the probability distribution of the number of heads in five tosses of a coin. Find also the mean and variance for the above distribution.

ଗୋଟିଏ ମୁଦ୍ରାକୁ ପାଞ୍ଚଥର ଫିଙ୍ଗିଲେ ମୁଣ୍ଡଗୁଡ଼ିକ ପାଇବାର ସମ୍ଭାବ୍ୟ ବଣ୍ଟନ ନିର୍ଣ୍ଣୟ କର। ଉପରୋକ୍ତ ବଣ୍ଟନ ପାଇଁ ମାଧ୍ୟ ଓ ପ୍ରସରଣ ମଧ୍ୟ ନିର୍ଣ୍ଣୟ କର।

9. Answer any *one* question : 6
ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :

(a) Show that the rectangle of maximum area inscribed in a given circle is a square.

ଗୋଟିଏ ବୃତ୍ତାନ୍ତର୍ଲିଖିତ ଆୟତାକାର କ୍ଷେତ୍ରର କ୍ଷେତ୍ରଫଳ ସର୍ବାଧିକ ହେଲେ, ଦର୍ଶାଅ ଯେ ଆୟତାକାର କ୍ଷେତ୍ରଟି ଏକ ବର୍ଗକ୍ଷେତ୍ର ହେବ।



https://www.odishaboard.com

*(b)* If (ଯଦି) $\log(x^2 + y^2) = 2\tan^{-1}\left(\dfrac{y}{x}\right)$, then show that (ତେବେ ଦର୍ଶାଅ ଯେ) $\dfrac{dy}{dx} = \dfrac{x+y}{x-y}$.

**10.** Answer any *one* question : 6

ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :

*(a)* Evaluate :

ମାନ ନିରୂପଣ କର :

$$\int_0^{\pi} \frac{x \sin x}{1 + \cos^2 x}\, dx$$

*(b)* Draw a rough sketch of the graph $y = x^2$ and $y = |x|$ and hence find the area bounded by the given curves.

$y = x^2$ ଓ $y = |x|$ର ଆନୁମାନିକ ଲେଖଚିତ୍ର ଅଙ୍କନ କରି, ସେମାନଙ୍କ ମଧ୍ୟରେ ଆବଦ୍ଧ କ୍ଷେତ୍ରର କ୍ଷେତ୍ରଫଳ ନିର୍ଣ୍ଣୟ କର।

*(c)* Solve :

ସମାଧାନ କର :

$$(y^3 - 3x^2y)dy = (x^3 - 3xy^2)dx$$



https://www.odishaboard.com

**11.** Answer any *one* question : 6

ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :

*(a)* Find the shortest distance between the lines

$$\frac{x-1}{2}=\frac{y-2}{3}=\frac{z-3}{4} \text{ and } \frac{x-2}{3}=\frac{y-4}{4}=\frac{z-5}{5}$$

Also find the equation of the line of shortest distance.

$$\frac{x-1}{2}=\frac{y-2}{3}=\frac{z-3}{4} \text{ ଓ } \frac{x-2}{3}=\frac{y-4}{4}=\frac{z-5}{5}$$

ରେଖା ମଧ୍ୟରେ ନିମ୍ନତମ ଦୂରତା ନିର୍ଣ୍ଣୟ କର। ନିମ୍ନତମ ଦୂରତା ରେଖାର ସମୀକରଣ ମଧ୍ୟ ନିର୍ଣ୍ଣୟ କର।

*(b)* Find the volume of the parallelepiped whose coterminous edges are the vectors $\vec{a}=2\hat{i}+3\hat{j}+4\hat{k}$, $\vec{b}=\hat{i}-2\hat{j}+3\hat{k}$ and $\vec{c}=3\hat{i}-\hat{j}-\hat{k}$. And for the above vectors, verify that $\vec{a}\times(\vec{b}\times\vec{c})=(\vec{a}\cdot\vec{c})\vec{b}-(\vec{a}\cdot\vec{b})\vec{c}$.

$\vec{a}=2\hat{i}+3\hat{j}+4\hat{k}$, $\vec{b}=\hat{i}-2\hat{j}+3\hat{k}$ ଓ $\vec{c}=3\hat{i}-\hat{j}-\hat{k}$ ଦିଶାଙ୍କଗୁଡ଼ିକ ଏକ ସାମାନ୍ତରିକ ଘନର ବାହୁ ହେଲେ, ଏହାର ଘନଫଳ ନିର୍ଣ୍ଣୟ କର। ଉପରୋକ୍ତ ଦିଶାଙ୍କଗୁଡ଼ିକ ପାଇଁ ଯାଞ୍ଚ କର ଯେ,

$$\vec{a}\times(\vec{b}\times\vec{c})=(\vec{a}\cdot\vec{c})\vec{b}-(\vec{a}\cdot\vec{b})\vec{c}$$

* * *



https://www.odishaboard.com